# ସୂଚନା

## For Empanelment of Casuals for Console Operations / Production of news bulletin in Odia

ଆକାଶବାଣୀ, କଟକ କେନ୍ଦ୍ରର ଆଞ୍ଚଳିକ ସମ୍ବାଦ ବିଭାଗରେ ସମ୍ବାଦ ପ୍ରସ୍ତୁତିରେ ସହାୟତା ଏବଂ କନ୍‌ସୋଲ୍ ପରିଚାଳନା ପାଇଁ ସାମୟିକ ପ୍ୟାନେଲ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି ।

**ଏଥିପାଇଁ ଆବଶ୍ୟକ ଯୋଗ୍ୟତା ହେଲା : -**

୧. ପ୍ରାର୍ଥୀ ସାମ୍ବାଦିକତା ଓ ଗଣଯୋଗାଯୋଗ କ୍ଷେତ୍ରରେ ସ୍ନାତକ ଡିଗ୍ରୀ (Graduate in Journalism and Mass Communication) ହାସଲ କରିଥିବେ ଏବଂ ଏ କ୍ଷେତ୍ରରେ ତିନିବର୍ଷର ଅଭିଜ୍ଞତା ଥିବ ।

୨. ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆରେ ଭଲ ଭାବରେ ଲେଖି, ପଢ଼ି ଓ କହି ପାରୁଥିବେ ।

୩. କମ୍ପ୍ୟୁଟର ସଂପର୍କିତ ବ୍ୟବହାରିକ ଜ୍ଞାନ ଥିବା ନିହାତି ଆବଶ୍ୟକ ।

୪. ଅଡ଼ିଓ ଏଡିଟିଙ୍ଗ୍‌ର ଦକ୍ଷତା ଥିବ । ଇଂରାଜୀ ଓ ଓଡ଼ିଆର ବିଭିନ୍ନ fontରେ ଟାଇପ୍ କରିପାରୁଥିବେ ।

୫. ବୟସ- ଆବେଦନପତ୍ର ଗ୍ରହଣ କରିବାର ଶେଷ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କର ବୟସ ୨୧ରୁ ୫୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

ଆବେଦନପତ୍ରର processing fee ବାବଦକୁ ପ୍ରାର୍ଥୀ ଯଦି ସାଧାରଣ ବର୍ଗର ହୋଇଥାନ୍ତି ତେବେ ୩୦୦ (ତିନିଶହ)ଟଙ୍କା, ତଫସିଲଭୁକ୍ତ ଜାତି/ଉପଜାତି ଏବଂ ପଛୁଆବର୍ଗର ହୋଇଥିଲେ ୨୨୫ (ଦୁଇଶହ ପଚିଶ୍)ଟଙ୍କା Bank Draft ମାଧ୍ୟମରେ ପୈଠ କରିବେ । Bank Draft ଟି payable in favour of Drawing & Disbursing Officer All India Radio, Cuttack ହେବା ଆବଶ୍ୟକ । ଜମା ରାଶି ଫେରସ୍ତ ହେବନାହିଁ ।

ଆଗ୍ରହୀ ପ୍ରାର୍ଥୀ ସାଦା କାଗଜରେ ନିଜର ନାମ, ଠିକଣା, ଶିକ୍ଷାଗତ ଯୋଗ୍ୟତା, ବୟସ, ଜାତି, ଫୋନ୍ ନମ୍ବର ଆଦି ସବିଶେଷ ବିବରଣୀ ଦେଇ ସେଥିରେ ନିଜର ପାସ୍‌ପୋର୍ଟ ସାଇଜ୍‌ର ଫଟୋ ସଂଯୁକ୍ତ କରି ଆବଶ୍ୟକ ପ୍ରମାଣପତ୍ରଗୁଡ଼ିକର ନକଲ ଦାଖଲ କରିବେ ।

**ଆବେଦନ କରିବାର ଠିକଣା ହେଲା :** କେନ୍ଦ୍ର ମୁଖ୍ୟ, ଆକାଶବାଣୀ, କ୍ୟାଣ୍ଟନମେଣ୍ଟ ରୋଡ୍, କଟକ-୭୫୩୦୦୧ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ହେଲା **୩୧ ଅକ୍ଟୋବର, ୨୦୧୬** ।

ପ୍ରାର୍ଥୀ ଚୟନ ପାଇଁ ପ୍ରକ୍ରିୟା ଦୁଇଟି ସ୍ତରରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ସାଧାରଣଜ୍ଞାନ ଓ ସମସାମୟିକ ଘଟଣାବଳୀ ଉପରେ ଏକ ଲିଖିତ ପରୀକ୍ଷା ଆୟୋଜିତ ହେବ । ଏଥିରେ କୃତକାର୍ଯ୍ୟ ପ୍ରାର୍ଥୀଙ୍କ ପାଇଁ କମ୍ପ୍ୟୁଟର ପରିଚାଳନା ଓ Audio Editing ସଂପର୍କରେ ଏକ Practical ପରୀକ୍ଷା ହେବ ।

ଚୟନୀତ ପ୍ରାର୍ଥୀଙ୍କୁ ଆକାଶବାଣୀ ସମ୍ବାଦ ବିଭାଗର ଆବଶ୍ୟକତା ଅନୁଯାୟୀ ସୂଚୀତ କାର୍ଯ୍ୟରେ ସାମୟିକ ଭାବେ ନିୟୋଜିତ କରାଯିବ । ଏଥିପାଇଁ ପ୍ରାର୍ଥୀଙ୍କୁ ନିର୍ଦ୍ଧାରୀତ ଫି' ବ୍ୟତୀତ ଅନ୍ୟ କୌଣସି ପ୍ରକାରର ଭତ୍ତା ପ୍ରଦାନ କରାଯିବ ନାହିଁ ।

ଏହି ସାମୟିକ ପ୍ୟାନେଲ୍ ସମ୍ବନ୍ଧରେ ଅନ୍ୟାନ୍ୟ ବିବରଣୀ ସମ୍ବାଦବିଭାଗ ୱେବ୍‌ସାଇଟ୍ www.newsonair.com କିମ୍ବା www.newsonair.nic.inରେ ଉପଲବ୍ଧ ଅଟେ ।

ଅସମ୍ପୂର୍ଣ୍ଣ ଆବେଦନପତ୍ର ଏବଂ ଶେଷ ତାରିଖ ପରେ ମିଳିଥିବା ଆବେଦନପତ୍ରଗୁଡ଼ିକୁ କୌଣସିମତେ ଗ୍ରହଣ କରାଯିବ ନାହିଁ ।

ଏହି ସାମୟିକ ପ୍ୟାନେଲ୍ ସଂକ୍ରାନ୍ତୀୟ ଚୟନ ପ୍ରକ୍ରିୟାକୁ କୌଣସି କାରଣ ନ ଦର୍ଶାଇ କେନ୍ଦ୍ର ମୁଖ୍ୟ, ଆକାଶବାଣୀ କଟକ ବାତିଲ କରିପାରିବେ ।